# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୫.୦୯.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା,
୩. ଶ୍ରୀମତୀ ଜୟନ୍ତୀ ସାହୁ,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀ ଶ୍ରୀଧର ବେହେରା,
୬. ଶ୍ରୀ ସନ୍ତୋଷ କୁମାର ସିଂହ,
୭. ସେକ୍ ନୁରହାସନ୍

ଅଦ୍ୟ ତା ୧୫.୦୯.୨୦୨୨ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅମରେଶ ଜେନା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା।

ନିର୍ଦ୍ଧାରଣ-୧(୧). ଚଳିତ ବର୍ଷାଋତୁରେ ନିଗମାଂଚଳରେ ରାସ୍ତା ଖରାପ ହୋଇଯାଇଅଛି। ଆସନ୍ତା ଦୁର୍ଗାପୂଜାରେ ରାସ୍ତା ଗୁଡ଼ିକର ଖାଲଖମା ମରାମତି ଓ ଦୁର୍ଗାପୂଜା ମଣ୍ଡପର ଚତୁଃପାର୍ଶ୍ୱର ମରାମତି କାର୍ଯ୍ୟ ସମ୍ପାଦନ କରିବା ପାଇଁ ପ୍ରତ୍ୟେକ ୱାର୍ଡ଼କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁମୋଦନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ହେଉଥିବା ପେଭରବ୍ଲକ୍ କାର୍ଯ୍ୟରେ ନିମ୍ନମାନର ପେଭରବ୍ଲକ୍ ବ୍ୟବହାର ହେଉଥିବା କମିଟିଙ୍କ ନଜରକୁ ଆସୁଅଛି। ତେଣୁ ରାସ୍ତା କାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇଥିବା ଅଟକଳରେ ବ୍ୟବସ୍ଥା ଥିବା ପେଭରବ୍ଲକ୍ ମାନ ଅନୁଯାୟୀ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ପେଭରବ୍ଲକ୍ ନିର୍ମାଣ/ଯୋଗାଣକାରୀ ସଂସ୍ଥା ମାନଙ୍କର ତାଲିକା (Empanelment) କରାଯିବ। ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟରେ ଠିକାଦାରମାନେ ଉପଯୋଗ କରୁଥିବା ପେଭରବ୍ଲକ୍ ଗୁଡ଼ିକ ତାଲିକାଭୁକ୍ତ ସଂସ୍ଥାମାନଙ୍କ ଠାରୁ ଆଣି କାର୍ଯ୍ୟରେ ବ୍ୟବହାର କରିବେ, ଏହି ପେଭରବ୍ଲକ୍ ଖରାପ ହେଲେ ସମ୍ପୃକ୍ତ ସଂସ୍ଥା/ ଯୋଗାଣକାରୀ ସଂସ୍ଥାଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୩). ସିଓର ପ୍ରୋଜେକ୍ଟରେ କେଉଁ କେଉଁ କାର୍ଯ୍ୟ ସମ୍ପାଦନ ହେଉଅଛି, ଆଉ କେଉଁ କାର୍ଯ୍ୟ ବାକି ଅଛି ତାହାର ତଥ୍ୟ ସହିତ ଆସନ୍ତା ମାସ ବୈଠକରେ ସମ୍ପୃକ୍ତ ଉପ ନିର୍ବାହୀ ଯନ୍ତ୍ରୀ (Dy. Executive Engineer) ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୪). ଆଗକୁ ଦୁର୍ଗାପୂଜା ଆସୁଥିବାରୁ ଆସନ୍ତା କର୍ପୋରେସନ ବୈଠକକୁ NHAI ର ଅଧିକାରୀ, ପୂର୍ତ୍ତ ବିଭାଗର ଇଞ୍ଜିନିୟର୍, WATCO ର ଅଧିକାରୀ, TPCODL ର ଅଧିକାରୀ ଏବଂ ସ୍ୱେରେଜ୍ ବୋର୍ଡ଼ର ଅଧିକାରୀ ଭୁବନେଶ୍ୱର ମହାନଗର ନିଗମାଂଚଳରେ କେଉଁ ଅଂଚଳରେ କେତେ କାର୍ଯ୍ୟ କରିଛନ୍ତି, କେତେ କାର୍ଯ୍ୟ ବାକି ଅଛି ତାହାର ତଥ୍ୟ ସହିତ ଆସନ୍ତା ମାସ ବୈଠକରେ ଉପସ୍ଥିତ ରହିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୫). ଆସନ୍ତା ମାସ ଷ୍ଟାଣ୍ଡିଂ କମିଟି ବୈଠକରେ ସମସ୍ତ ୱାର୍ଡ଼ର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯିବ। ତେଣୁ ଏହି ବୈଠକର ଇଞ୍ଜିନିୟର୍ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହିବେ ଏବଂ ଯେଉଁ କର୍ପୋରେଟରଙ୍କ କୌଣସି କାର୍ଯ୍ୟ ଉପରେ ଅଭିଯୋଗ ଥିବ, ସେ ମଧ୍ୟ ଉପସ୍ଥିତ ରହିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା।

ସ୍ୱା/-ଅମରେଶ ଜେନା
ସଭାପତି
ତା ୧୫.୦୯.୨୦୨୨ ରିଖ